GOVERNMENT OF INDIA
NATIONAL LIBRARY, CALCUTTA.

Class No. 891.451

Book No. J171ga

N. L. 38. C. 1.

MGIPC—S4—38 LNL/56—22-5-57—50,000.

୧୪୪.୮.217.

୧୪୪.୮.217.
ସ୍ଟଟ୍ରେ

ଗଜନିସ୍ତାରଣ ।

ଶ୍ରୀପ୍ରମଥଲାଲ ସରକାରଙ୍କ ଦ୍ୱାରା

୪ର୍ଥ ବାର ପ୍ରକାଶିତ ।

PRINTED & PUBLISHED BY SARAT CH. RAY.
AT THE ANGLO-SANSKRIT PRESS,
51, SANKARITOLA
CALCUTTA
1921

ଦୁଇପଇସା ମାତ୍ର ।

ଗଜନିସ୍ତାରଣ ।

ଦ୍ୱାରକାପୁରେ ଶ୍ରୀବତ୍ସାଙ୍କୀ । ସମସ୍ତ ଯାଦବ ବସାଇ ॥
ଆପଣେ ପ୍ରଭୁ ଯଦୁପତି । ବସିଲେ ଦେବାର୍ଚ୍ଚନ କରି ॥
ଯାଦବ ମଧ୍ୟରେ ଉଦ୍ଧବ । କୃଷ୍ଣଙ୍କ ଅତି ପ୍ରିୟଭାବ ॥

2034

ଶ୍ରୀକୃଷ୍ଣ ଉଦ୍ଧବ

ଉଦ୍ଧବ ବୋଲଇ ଗୋସାଇଁ । ଏମନ୍ତ ପଚାରୁଛି ମୁହିଁ ॥
ଭୂମିରେ ପଡ଼ିଲ ନପର । ତୁମ୍ଭେ କି କଲ ଯଦୁପତି ॥

ଜାନ୍ତୁ ପଡିଲ ଅଛି ଇତି । ମୋ ଆଗେ କହ ପଦ୍ମନେତ୍ର ॥
ବୋଲନ୍ତି ଶରଣସୋଦର । ଶୁଣ ହେ ରଜତଶେଖର ॥
ସରଯୂ ନଦୀର ତଟରେ । ଦକ୍ଷିଣ ସମୁଦ୍ର କୂଳରେ ॥
ବୈଶାଖ ଏକାଦଶୀ ଦିନ । କୁଆର ମାଡିଲା ଯେ ପୁଣ ॥
ମତ୍ସ୍ୟ କଚ୍ଛପ ଯେ ମଗର । ଆବର ଯେତେ ଜଳଚର ॥
ଥୋକାଏ କୁଆରେ ଉଠିଲେ । ଦ୍ୱାଦଶଯୁଣ ଯାଏ ଗଲେ ॥
ଜକର୍ମା ନାମେଣ କୁମ୍ଭୀର । ସେ ପଛେ ହୋଇଲା ବାହାର ॥
ମତ୍ସ୍ୟ କଚ୍ଛପ ଯେ ଆଦିଣ । ପଶନ୍ତି ଆହାର ଭୁଞ୍ଜେଣ ॥
ଏମନ୍ତେ ଅତିସୁଖ ହୋଇ । ସୁଖେ ସେ ଆହାର କରଇ ॥
ଅଶୀ ଯେ କୋଶ ଯାଏ ଗଲା । ତେଣିକି ଯାଇ ନ ପାରିଲା ॥
ତତ୍କ୍ଷଣେ ଛାଡିଲା କୁଆର । ଶୁଷ୍କରେ ପଡିଲା କୁମ୍ଭୀର ॥
ଗମ୍ଭିର ଉରଣ ତାର ନାହିଁ । ଆରତେ କୁମ୍ଭୀର ଗଳଇ ॥
ଇତ୍ୟମ୍ବ ପ୍ରାଣ ଯିବ ତାର । ମରଣେ ପଡିଛି କୁମ୍ଭୀର ॥
ଏମନ୍ତ ସମୟରେ ତହିଁ । ଗଜ ଆସଇ-ପାଣି ଖାଇ ॥
କୁମୃକ ନାମେ ମତ୍ତହସ୍ତୀ । ସଙ୍ଗେ ତା ବାଳକ ଅଛନ୍ତି ॥
ପୂର୍ବ ଯେ ବେଢ଼ି ଗୋଷ୍ଠି ସଙ୍ଗେ । ଯୋଡ଼ି ଆସଇ ଅତିରଙ୍ଗେ ॥
କୁମ୍ଭୀର ପଡଣ ଯେ ଥିଲା । ଦୂରହୁଁ ଅନାଇଣ ଦେଲା ॥
କୁମ୍ଭୀର ବିଚାରଇ ଚିତ୍ତେ । ଆସୁ ଅଛନ୍ତି ଗଜଯୂଥେ ॥
ଏଠାରେ ଉପାୟ କରିବି । ମଇଁଷି ବୋଲିଣ ଡାକିବି ॥
ମଇଁଷ ବୋଲିବି ମୁଁ ଯେବେ । ସେ ମୋତେତାଳିନେବତେବେ ॥
ଏମନ୍ତ ବିଚାରୁ କୁମ୍ଭୀର । ଗଜ ହୋଇଲା ବାହାର ॥
କୁମ୍ଭୀର ଉଚ୍ଚେ ଡାକ ଦେଇ । ମଇଁଷ ଆସ ବେଗ ହୋଇ ॥
ଆସ ମଇଁଷ ମୋର ପାଶ । କହିବି ଏକାନ୍ତ ବିଶ୍ୱାସ ॥
ଏମନ୍ତ ଡାକିଲାକ ଯହୁଁ । ଗଜ ଯେ ପାଲଟିଲା ତହୁଁ ॥
ସଙ୍ଗତେ ତାର ଯୂଥଥିଲେ । କିପାଁଇ ଯାଉଛ ବୋଇଲେ ॥
ଗଜ ବୋଲଇ ଯୂଥମଣି । ତୁମ୍ଭର ଜ୍ଞାନ ନାହିଁ ପୁଣି ॥

IMPA00000026ORI

ମୂର୍ଖେ ଯେ ଧର୍ମହିଁ ନ କଲ । ସେ ହେତୁ ପଶୁ ଜନ୍ମ ହେଲ ॥
ଅନ୍ତକାଳେ ଯେଉଁ ପ୍ରାଣୀ । ତାହାଙ୍କ ଉପଦେଶ ଶୁଣି ॥
ସେ ତାଙ୍କୁ କଲେକ ଶରଣ । ଅବଶ୍ୟ ଘୋର ନର୍କେ ବାସ ॥
ଏକଥା ଶୁଣିଅଛୁ ମୁହିଁ । ଛାଡ଼ିତ ନ ପାରଇ ଯାଇ ॥
ତାର ନିକଟ ଯାଏ ଯିବ । ଉଚିତ ବାରତା ଶୁଣିବ ॥
ଏମନ୍ତେ ପୁତ୍ରକୁ ମେଲାଣି । ଦେଲା ସେ ଗଜ ନୃପମଣି ॥
କୁମ୍ଭୀର ନିକଟେ ମିଳିଲା । କି ଅର୍ଥେ ଡ଼ାକିଲ ବୋଇଲା ॥
କୁମ୍ଭୀର ବୋଲଇ ଗୋସାଇଁ । ଉଠିତ ନ ପାରଇ ଯାଇ ॥
ସେ କଥା କହଇ ମୁଁ ତୋତେ । ଏଥୁଁ ଉଦ୍ଧାର ହେ ସଙ୍ଗାତେ ॥
ସାନସାନରେ ବନ୍ଧ,ମତି । ବଡ଼ ବଡ଼ରେ ଯେ ପୀରତି ॥
ଏହାତ ପୂର୍ବରୁ ଅଛଇ । ଶୁଣିମା ସାବଧାନ ହୋଇ ॥
ଯେମନ୍ତେ ପାର ମୋତେ ନିଅ । ଗଭୀର ଜଳରେ ପକାଅ ॥
ଗଜ ସଂପ୍ରତେ ତାହା କଲା । ପ୍ରାଣର ସ୍ଥିତ ଆଗହିଲା ॥
ମଳୟପଣ ପଛେ ଥାଉ । ଆଗେ କୁମ୍ଭୀର ପ୍ରାଣଯାଉ ॥
ଏହା ଭଗ୍ନିଦ ମତ୍ତହସ୍ତୀ । ଥୋର ଲଗାଇ ତାକୁ ଟେକି ॥
ଦନ୍ତର ମଧ୍ୟରେ ବସାଇ । ଚାଲଇ ଧୀର ଧୀର ହୋଇ ॥
କଂଥା ପାଇବ ମୋମଇନ୍ଦ । ଅପ୍ରାଧ ହୋଇବ ବହୁତ ॥
ସୁଭଲେ ବଡ଼ ଯେ କୁମ୍ଭୀର । ଅତି ଗରିଷ୍ଠ ତା ଶରୀର ॥
ତିନିଶ ହାତ ଲମ୍ବ ହୋଇ । ଶଏ ହାତ ବିସ୍ତାର ଦେହୀ ॥
ଭଙ୍ଗା ପର୍ବତ ପ୍ରାୟେ ହୋଇ । ସଧୀରେ ପଥ ବହି ଯାଇ ॥
ସମୁଦ୍ର ନିକଟେ ମିଳିଲା । ମଳୟ ଯାଅ ହେ ବୋଇଲା ॥
ମଳୟ କର ହୋ ମେଲାଣି । ଏଠାରେ ପହୁଁ ଥିବ ପାଣି ॥
ଚହିଁକି କୁମ୍ଭୀର ବୋଲଇ । ଶୁଣ ହେ ସାବଧାନ ହୋଇ ॥
ଯେମନ୍ତ ପାର ମୋତେ ନିଅ । ଗଭୀର ଜଳରେ ପକାଅ ॥
ଗଜ ସମସ୍ତ ତାହା କଲା । ଅଦ୍ଭୁତ ଖଣ୍ଡେ ଦୂର ନେଲା ॥
ପୁଣି ନିଅନ୍ତେ କଡ଼ାଂଗ୍ରହ । ଗଜ ଶରୀର ଗଲା ବୁଡ଼ି ॥

ଗଜ ଶରୀର ବୁଡ଼ି ଗଲା । ଦେହ ତା କିଛି ନ ଦିଶିଲା ॥
ମାପନ୍ତେ ଛଅ ଯେ ଅଙ୍ଗୁଳ । ଗଜର ଦଶେ ଥୋଇଥିଲ ॥
ଲହରି ଉଣା ହୁଏ ଯହୁଁ । ଗଜ ନିଶ୍ୱାସ ଛାଡ଼େ ତହୁଁ ॥

କୁମ୍ଭୀର ତେଡ଼ିଲଣ ପଡ଼ିଲା । ଗଭୀର ଜଳରେ ବୁଡ଼ିଲା ॥
ଖଗେ ଧଇଲା ପାଦ ଗୃହି । ଦନ୍ତେଣ୍ଟି ଛଣ୍ଟିତା କାମୋଡ଼ି ॥
କାମୋଡ଼ି କରେ ଚୂର୍ଣ୍ଣଣ । ବୋଲନ୍ତି ନେବନି ତୋ ପ୍ରାଣ ॥
ଶାଙ୍କୋଳି ଦେଲା ପ୍ରାଣ୍ଟେ କରି । ଗୃହ କୁରଣ ଆଣ୍ଟେ ଧରି ॥
କୁମ୍ଭୀର ବୋଲଇ ଗୋସାଇଁ । ଧନ୍ୟ ବିଧାତା ଅଟ ତୁହି ॥
ଇନ୍ଦ୍ରିନର ଉପାସକୁ । ଅହରି ଦେଇଛୁ ଆମ୍ଭଙ୍କୁ ॥
ଖାଇବ ଅଛି ମୁଣ୍ଡ ବୋଇ । ତୋଷ କରିବ ବନ୍ଧୁ ଭାଇ ॥
ଏମନ୍ତେ ମନରେ ବିଗୃହି । ଗଜକୁ ଅଛି ଆଣ୍ଟେ ଧରି ॥
ସାବଣ ଲଣିପାଣି ଲାଗି । ଗଜ ହୋଇଲା ଚିନ୍ତାଭାଗୀ ॥
ଗଜ ଯେ ମନେ ବିଚାରଇ । ଦେଖ ପାପୀଷ୍ଟ ଏହା ଦେହୀ ॥

ଦେଖ ଏ ଅଘୋର ପାତକୀ । ହୋଇଲା ବିଶ୍ୱାସଘାତକୀ ॥
କାଳ ଅନ୍ୟାୟ ପୁଣି କଲା । ମୋ ପ୍ରାଣ ନେବାକୁ ପାଞ୍ଚିଲା ॥
ମୁଁ ଯେବେ ନ ଆଣନ୍ତି ବଳ । ସେଠାରେ ଯାଆନ୍ତା ମିଳାଇ ॥
କାକ ଶୃଗାଳ ଯେଁ ଭକ୍ଷନ୍ତେ । ଶଷ୍ପରେ ଭୂମି ତା ପଡନ୍ତେ ॥
ପୁଷ୍ପଙ୍କ ବୋଲ ମୁଁ ନ କଲି । ଏହାକୁ ବଳ ମୁଁ ଆଣିଲି ॥
କାଳ ଏ ହୋଇଲା ପାପିଷ୍ଠ । ଭଷ୍ଟେ କରିବ ମୋତେ ନଷ୍ଟ ॥
କ୍ଷଣକେ ଜ୍ଞାନ ଉପୁଜିଲା । ପୂର୍ବର ହେତୁ ସୁମରିଲା ॥
ଗଜ ଯେ ବିଚାରଇ ମନେ । ଯେ କାଳେ ଥିଲି ଯୋଗବନେ ॥
ଶତସିଂହ ଯେ ପର୍ବତରେ । ଥିଲି ମୁଁ ଯେବଣ କାଳରେ ॥
ମୁହିଁ ମାରଇ ବୋଲକରି । ଭ୍ରଷ୍ଟ ହୋଇଲେ ତପଶ୍ଚରି ॥
ମୁନି ଦୁଅନ୍ତି ଲୁହା କୋହ । ଆତଙ୍ଗକାଳେ ଭାବଗ୍ରାହୀ ॥
ଅବଶ୍ୟ ରଖନ୍ତି ଗୋସାଇଁ । ଏଥିଁ ଆତଙ୍ଗ ଆଉ ନାହିଁ ॥
ଥରେ ମୁଁ ବଡଇ ଏଠାଇଁ । ମନରେ ଗୁଣେ ଯିବ ମୁହିଁ ॥
ଏମନ୍ତେ ମନେ ବିଚାରିଲା । ଜଗନ୍ନାଥଙ୍କୁ ଚିନ୍ତା କଲା ॥
ଯୋଗହସ୍ତରେ ଦରଶିଲା । ପଦ୍ମ ଯେ ନାଡ଼ିକ ପାଇଲା ॥
ତୋଳି ଧଇଲା ପଦ୍ମମୂଳ । ଡାକିଲା ରକ୍ଷ ଆଦିମୂଳ ॥
ରକ୍ଷ ହେ ଦେବକୀ ନନ୍ଦନ । ରକ୍ଷ ହେ ଶ୍ରୀମଧୁସୂଦନ ॥
ରକ୍ଷ ହେ ଦେବ ଜଗତାସ୍ତି । କୁମ୍ଭୀର ପାଟିରୁ ରକ୍ଷାକରି ॥
ତୁମ୍ଭେତ ନ ରଖିବ ଯେବେ । କଷ୍ଟପ୍ରେ ଗଜ ମଲା ତେବେ ॥
ଅନ୍ୟାୟ ହୋଇଲା ଗୋସାଇଁ । ଜଳର ଜୀବ ମୁଁ ନୁହଇ ॥
କିମ୍ଭୀର କରି ମୋତେ ଆଣି । ପ୍ରାଣରେ ମାରୁଅଛି ପୁଣି ॥
ଦୃଷ୍ଟିରେ ତୋତେ ଦେଖି ନାହିଁ । ଗୁରୁ ମୋ କର୍ଣ୍ଣେ କହି ନାହିଁ ॥
ମୁନିଙ୍କୁ କହୁଅଛନ୍ତି ମୋତେ । ଆତଙ୍ଗକାଳେ ଜଗନ୍ନାଥେ ॥
ଆତଙ୍ଗ ନାଶନ ତୋ ନାମ । ନାଚର ହୁଅ ଲୁ ବଜ୍ରସେଣା ॥
ଶରଣରକ୍ଷଣ ମୁରାରି । ବାରେକ ନେବାକ ଉଦ୍ଧାରି ॥
ଗୋବିନ୍ଦ ଗୋବିନ୍ଦ ଗୋସାଇଁ । ତୋ ବିନୁ ଅନ୍ୟ ଅଛି ନାହିଁ ॥

ଏମନ୍ତ ବୋଲି କରି ତହିଁ । ଉଚ୍ଚେ ଡାକିଲା ଗଜରାଜୀ ॥
ଦ୍ୱାରକା ଅଣୀ ସମ୍ପୂର୍ଣ । ଲକ୍ଷ୍ମୀର ତୁଲେ ନାରାୟଣ ॥
ପଶାଖେଳରେ ଯଦୁପତି । ଦାନ ପଡୁଛୁ ପଞ୍ଚ ଅଛି ॥
ଲକ୍ଷ୍ମୀ ବାହୁଡ଼େ ଯେବେ ସାର । ହାରିବେ ପ୍ରଭୁ ଚକ୍ରଧର ॥
ଖେଳର ଭାନ ମାନ କାଳେ । ଗଜ ଯେ ଡାକିଲା ବିକଳେ ॥
ସେ ଡାକ କର୍ଣ୍ଣରେ ଶୁଣିଲେ । ରକ୍ଷିଲି ବୋଲିଣ ବୋଇଲେ ॥
ତକ୍ଷଣେ ସୁଦର୍ଶନ ଚକ୍ର । ପେଶିଲେ ବ୍ରହ୍ମାଣ୍ଡ ଗୋସାଇଁ ॥
ହେ ଚକ୍ର ଅତି ବେଗେ ଯିବୁ । କୁମ୍ଭୀର ତଣ୍ଡିରେ ପଡିବୁ ॥
ଛିଣ୍ଡିବ ବେଳ ଖଣ୍ଡ ହୋଇ । ମୋ ଗଜ ଦେବୁ ମୁକୁଳାଇ ॥
ଆଜ୍ଞା ପ୍ରମାଣେ ଚକ୍ର ଗଲା । କୁମ୍ଭୀର ତଣ୍ଡିରେ ପଡିଲା ॥
ଛିଣ୍ଡିଲା ବେଳ ଖଣ୍ଡ ହୋଇ । ଗଜ ଉଦ୍ଧାର ହେଲା ତହିଁ ॥
ଚକ୍ର ସମୁଦ୍ରେ ସ୍ନାନ କଲା । ପ୍ରଭୁଙ୍କ ନିକଟେ ମିଳିଲା ॥
ଚକ୍ରକୁ ଅନାଇଁ ଗୋସାଇଁ । ବୋଲନ୍ତି ରକ୍ଷିଲି କି ତୁହି ॥
ଲକ୍ଷ୍ମୀ ବୋଲନ୍ତି ମହାବାହୁ । କେତେହେଁ ମିଥ୍ୟା ପ୍ରଭୁ କହୁ ॥
ଖେଳ ହାରିଣ ଯଦୁମଣି । ମୋତେତ ଭଣ୍ଡି ଲୋଡ଼ ପୁଣି ॥
ମୁଁ ଗୋପସ୍ତ୍ରୀ ଯେ ନୁହଇ । ଭଣ୍ଡିବ ମୁରଲୀ ବଜାଇ ॥
ଗୋପ ନଗରେ ଜାତ ହୋଇ । ଭଣ୍ଡିବ ନାନା ଖୋଟ କହି ॥
ଖୋଟିଆ ନାମ ଯେ ତୁମ୍ଭର । ଖୋଟ ଭଣ୍ଡାଇ ନରହରି ॥
ରାଜା ଯୁଧିଷ୍ଠି ମହୀପାଳେ । ରାଜୁସି ଯାଗ କଲାବେଳେ ॥
ହସ୍ତରେ ଘୋଡା ବେତ ଧରି । ନାମ ଅନନ୍ତ ପଣ୍ଡଆରି ॥
ଗୋପନଗରେ ଜାତ ହରି । ବନେ ମୁରଲୀ ନାଦ କରି ॥
ତେମନ୍ତ ପ୍ରାୟେ ମୋତେ କରି । ମିଛେ ଭଣ୍ଡାଉଛ ନରହରି ॥
ବୋଲନ୍ତି ପ୍ରଭୁ ଦଇତ୍ୟାରି । ଶୁଣ ଗୋ ସିନ୍ଧୁର କୁମାରୀ ॥
ଅଣୀ ଯେ ସହସ୍ରପୂର୍ଣର । ଗଜକୁ ଧଇଲା କୁମ୍ଭୀର ॥
ସେ ମୋତେ ଆତଙ୍କେ ଡାକିଲା । ରଖ ହେ ଶ୍ରୀକୃଷ୍ଣ ବୋଇଲା ॥
ରକ୍ଷିଲି ସୁଦର୍ଶନ ଚକ୍ର । ଗଜକୁ ଦେଲି ମୁକୁଳାଇ ॥

ଲକ୍ଷ୍ମୀ ବୋଲନ୍ତି ଶ୍ରୀବତ୍ସଧାରୀ । ମୋତେ ତା ଦେଖାଇବ ନେଇ ।
ଯେବେ ଦେଖିବ ମୋ ନୟନ । ପ୍ରତେ କରିବ ଭଗବାନ ॥
ଗଜମୋକ୍ଷଣ ବାନା ଯେବେ । ମୋତେ ତା ଦେଖାଇବ ତେବେ
କେତେ ଦୂରର ଏ ବାରତା । କେମନ୍ତେ ଜାଣିଲ ସେ କଥା ॥
ବ କଷ୍ଟ ହୋଇଲା ତୁମ୍ଭର । ମୋତେ ଲାଗିଲା ଅଗୋଚର ॥
ତକ୍ଷଣେ ଶ୍ରୀମଧୁସୂଦନ । ଚଢ଼ିଲେ ବିନତା ନନ୍ଦନ ॥
ବିନତାସୁତ ବହିଗଲା । ରମ୍ୟକ ଦ୍ୱୀପକୁ ଆସିଲା ॥
ହରିଙ୍କ ଦରଶନ କଲା । ଆନନ୍ଦେ ଚରଣେ ପଡ଼ିଲା ॥
ଉତ୍ପଳଙ୍କ ଯେ ପଡ଼ିଲା । ଗରୁଡ଼ ପିଠି ବିସ୍ତାରିଲା ॥
ଲକ୍ଷ୍ମୀଙ୍କି ଘେନି ଶ୍ରୀବତ୍ସଧାରୀ । ଗରୁଡ଼ ପିଠିରେଣ ଯାଇ ॥
ବିନତାସୁତ ବହିଚିଲା । ସମୁଦ୍ରତଟରେ ମିଳିଲା ॥
ଦେଖିଲେ ସମୁଦ୍ରର ଜଳ । ରୁଧିରେ ହୋଇଛି ହାଙ୍ଖୋଳ ॥
କୁମ୍ଭୀର ବେଢଖଣ୍ଡ ହୋଇ । ପଡ଼ିଛି ଗିରି ପ୍ରାୟ ତହିଁ ॥
ଅଙ୍ଗୁଳି ଅଗ୍ରରେ ଦେଖାଇ । ବୋଲନ୍ତି ପ୍ରଭୁ ଲକ୍ଷ୍ମୀପାଇଁ ॥
ଲକ୍ଷ୍ମୀ ତା ନୟନେ ଦେଖିଲେ । ଲଜ୍ଜାରେ ବଦନ ଘୋଡ଼ିଲେ ॥
ହେଟ ବଦନ ହୋଇ ମାଏ । କୃଷ୍ଣଙ୍କ ମୁଖକୁ ନ ଚାହେଁ ॥
ଲଜ୍ଜା ପାଇଲେ ଲକ୍ଷ୍ମୀ ଝିଅ । ହସି ବୋଲନ୍ତି ନନ୍ଦପୁଅ ॥
ନ ଜାଣି ତୁମ୍ଭେ ପ୍ରାଣସଖି । ମିଥ୍ୟା ବୋଇଲ ଯେ ନ ଦେଖି ॥
ଆର୍ତ୍ତଙ୍କ ନାଶନ ମୋ ବାନା । ଆରତ ଜନେ ହୋଇ ସେହ୍ନା ॥
ଯେ ମୋତେ ଆର୍ତ୍ତେ ଡାକଇ । ମୁଁ ତାର ପାଶେ ଶୁଣୁଥାଇ ॥
ଲକ୍ଷ୍ମୀ ବୋଲନ୍ତି ଦେବ ହରି । ମୁହିଁ ତୁମ୍ଭର ପଦଦାସୀ ॥
ହେଲବେ ସ୍ତ୍ରୀ ଜନ୍ମ ହୋଇ । ଧର୍ମ ଅଧର୍ମ ନ ଜାଣଇ ॥
ଶୁଣ ଗୋ ସାଗର ଦୁହିଣୀ । ମିଥ୍ୟାରେ କହୁଥିଲ ପୁଣି ॥
ସେଠାରୁ ବେନେ ବହି ଗଲେ । ଗଜକୁ ବାଟରେ ଦେଖିଲେ ॥
ଗଜ ଅନେକ କଲ ସ୍ତୁତି । ମେଲାଣି ହେଲେ ଦାଶରଥି ॥
ତକ୍ଷଣେ ବାହୁଡ଼ା ବିଜୟେ । ଦ୍ୱାରକାପୁରେ ଦେବରାୟେ ॥

ଗରୁଡ଼ ପିଠିରୁ ଓହ୍ଲାଇ । ଶୀତଳ ମଣୋହି ଖାଇ ॥
ଶୀତଳ ମଣୋହି ଖାଇଲେ । କର୍ପୂର ତାମ୍ବୁଳ ଭୁଞ୍ଜିଲେ ॥
ଲକ୍ଷ୍ମୀ ସହିତେ ଭବତାରୀ । ସୁଖେଣ ପହୁଡ଼ିଲେ ଯାଇ ॥
ସୁଜନଜନମାନେ ଶୁଣ । ପାଇବ ବୈକୁଣ୍ଠ କାରଣ ॥
ଏହା ଯେ ପଢ଼ନ୍ତି ଶୁଣନ୍ତି । କୋଟି ପୁରୁଷ ଉଦ୍ଧାରନ୍ତି ॥
ଗୋହତ୍ୟା ବ୍ରହ୍ମହତ୍ୟାମାନ । କୁଗଲୀ ଆଦି ସୁରାପାନ ॥
ଏ ଦୋଷ ସର୍ବ କ୍ଷୟ ଯାଇ । ଯେ ଶୁଣେ ରାମ ନାମ ଗାଇ ॥
ଯେ ନର ଅଧର୍ମିକ ହୋଇ । ବିଶ୍ରାମ କଲେ ଧର୍ମ ପାଇ ॥
ଅଶ୍ୱାନୁରୂପେ ସେ ପ୍ରାପତ । ସୁଜନଜନଙ୍କର ଚିତ୍ତ ॥
କହଇ ବିପ୍ର ଜଗନ୍ନାଥ । ଅଷ୍ଟମସ୍କନ୍ଧେ ଭାଗବତ ॥

ଇତି ଶ୍ରୀ ଗଜଉଦ୍ଧାରଣ ସମାପ୍ତ ।

2034
IMPERIAL

ବିଜ୍ଞାପନ

ନିମ୍ନ ଲିଖିତ ପୁସ୍ତକମାନ ଅମ୍ଭ ଠିକଣାରେ ବିକ୍ରି ହେଉଅଛି ।

ସଚିତ୍ର ଜୈମିନି ଭାରତ	ଟ ୧ ୶
,, ଏକାଦଶସ୍କନ୍ଧ	ଟ ୦ ୳
,, ଦଶମସ୍କନ୍ଧ ଗୋପଲୀଳା	ଟ ୦ ୳
,, ,, ଦ୍ୱାରକାଲୀଳା	ଟ ୦ ୶
,, ପଦ୍ମପୁରାଣ	ଟ ୦ ୶
,, ବିଲଙ୍କା ରାମାୟଣ	ଟ ୦ ୶
ଚଣ୍ଡୀ ବାହନ ଯୁଦ୍ଧ	ଟ ୦ ।/
,, ଗଙ୍ଗାମାହାତ୍ମ୍ୟ	ଟ ୦ ।
,, ମଦ୍ରମଙ୍ଗଳ	ଟ ୦ ।/
,, ଦୁର୍ଗାଚରିତ୍ର	ଟ ୦ ।/
,, ବିଷ୍ଣୁପୁରାଣ	ଟ ୦ ।
,, ଭାଟଗ୍ରାମର୍ଦ୍ଧି ୧ ଥମ	ଟ ୦ ।/
,, ,, ୨ୟ	ଟ ୦ ୳
,, ଗଣେଶ ବିଭୂତି	ଟ ୦ ।
,, ଶୀତଳଷଷ୍ଠୀ	ଟ ୦ ।
,, ତ୍ରୟୋଦଶସ୍କନ୍ଧ	ଟ ୦ ୵୦
,, ଦଶଅବତାର ଲୀଳା	ଟ ୦ ୵୦
,, କୁଞ୍ଜଚଟି	ଟ ୦ ୵
,, ଅଙ୍ଗଦପଦ	ଟ ୦ ୵
,, ଅଶ୍ୱମେଧଯଜ୍ଞ	ଟ ୦ ୵
,, ବ୍ରହ୍ମାଣ୍ଡ ଭୂଗୋଳ	ଟ ୦ ୵୦
,, ଭଜନସାର	ଟ ୦ ।
,, ଗୁଲାବଣ	ଟ ୦ ୵୦
,, ଗୁଣସାଗର	ଟ ୦ ୵
,, ଭ୍ରମରବରଗୀତ	ଟ ୦ ୵
,, ନବଗ୍ରହସ୍ତୋତ୍ର	ଟ ୦ /
ସଚିତ୍ର ଚଣ୍ଡୀଗୀତା	ଟ ୦ ୵
,, ଗୁଣ୍ଡିଚା ଶ୍ଳୋକ	ଟ ୦ ୵
,, ଗ୍ରହଶାନ୍ତିପାଠ	ଟ ୦ ୵
,, ହନୁମାନଚରିତ୍ର	ଟ ୦ ୵୦
,, ଶିକ୍ଷାଭଗବତ ଓ ନିତ୍ୟକର୍ମ	ଟ ୦ /୦
,, ଲକ୍ଷ୍ମୀପୁରାଣ	ଟ ୦ /୦
,, ସଙ୍ଗୀତ ଭଜନମାଳା	ଟ ୦ /
,, କପଟପାଶା	ଟ ୦ /୦
,, ବର୍ଣ୍ଣବୋଧକ	ଟ ୦ /୦
,, ଗୋପୀଭାଷା	ଟ ୦ ୧
,, କୋଇଲିମାଳିକା	ଟ ୦ ୧
,, ଲବଣୀବିନ୍ଦୁ	ଟ ୦ ୧
,, ଅରଚନ୍ଦ୍ରିଣ	ଟ ୦ ୧
,, ତ୍ରିନାଥମେଳା	ଟ ୦ /
,, ଉପେନ୍ଦ୍ରଭଞ୍ଜସଙ୍ଗୀତ	ଟ ୦ /
,, ଛାନ୍ଦିଗଳେ	ଟ ୦ ୧
,, ବଳାରବୋଧ	ଟ ୦ ୦
,, ସଲିଲସ୍ନାନ	ଟ ୦ ୦
,, ନଷ୍ଟବୋଧ	ଟ ୦ ୦
,, ମନବୋଧ ଚଉତିଶା	ଟ ୦ ୧
,, ଅଭିଶୋ	ଟ ୦ ୧
,, ଶବ୍ଦପାଠ ୧ଃ	ଟ ୦ ୦
,, ବସ୍ତ୍ରହରଣ	ଟ ୦ ୦
,, ଅଳଙ୍କାରବୋଧ	ଟ ୦ ୦
,, ନାମରତ୍ନଗୀତା ୧ମ	ଟ ୦ ।୵
ନାମରତ୍ନଗୀତା ସଂପୂର୍ଣ୍ଣ	ଟ ୦ ।/

ମ୍ୟାନେଜର, ଏଙ୍ଗ୍ଲୋ ସଂସ୍କୃତ ପ୍ରେସ,

ନଂ ୬୯ ମୁର ଶାଙ୍କାରିଟୋଲା । ପୋଃ । ବହୁବଜାର । କଲିକତା ।